# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୪.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ନମିତା ମହାପାତ୍ର,
୪. ଶ୍ରୀ ବିପ୍ଳବ ବେହେରା,
୫. ଶ୍ରୀମତୀ ଗରୁଲତା ସାମନ୍ତରାୟ,
୬. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୮.୦୪.୨୦୨୩ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବିଲ୍ଡର୍ ବହୁତଳ ପ୍ରାସାଦ ନିର୍ମାଣ କରି ଜନସାଧାରଣ ଚଳିବା ପାଇଁ ମୌଳିକ ସୁବିଧା ଯଥା-ରାସ୍ତା, ନାଳ, ବିଦ୍ୟୁତ୍ ଇତ୍ୟାଦି ନ ଯୋଗାଇ ଲୋକମାନଙ୍କୁ ଗୃହ ବିକ୍ରୀ କରିଦେଉଛନ୍ତି । ଲୋକମାନେ ସେଠାରେ ରହିବା ପରେ ରାସ୍ତା, ନାଳ, ବିଦ୍ୟୁତ୍ ଇତ୍ୟାଦି ସୁବିଧା ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ଦାବି କରୁଛନ୍ତି, ଫଳରେ ଭୁବନେଶ୍ୱର ମହାନଗର ନିଗମ ଉପରେ ଆର୍ଥିକ ବୋଝ ପଡୁଅଛି । ବିଲ୍ଡର୍ ମାନେ ଭୁବନେଶ୍ୱର ମହାନଗର ନିଗମରୁ ଆପତିବିହିନ ପ୍ରମାଣପତ୍ର ନନେଇ ଗୃହ ନିର୍ମାଣ କରୁଛନ୍ତି । ତେଣୁ ବହୁତଳ ପ୍ରାସାଦକୁ ସେୱରେଜ୍ ଲାଇନ୍ ସଂଯୋଗ ପାଇଁ ଅନୁମତି ଦେବା ପୂର୍ବରୁ ବି.ଏମ୍.ସି ରୁ NOC ନେବାପରେ ସେୱରେଜ୍ ଲାଇନ୍ ସଂଯୋଗ ଦେବାପାଇଁ WATCO ଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ରାଜ୍ୟ ସରକାର ଭୁବନେଶ୍ୱର ମହାନଗର ନିଗମକୁ ପ୍ଲାନ୍ ଅନୁମୋଦନ କ୍ଷମତା ଦେବାପରେ ମଧ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଭୁବନେଶ୍ୱର ମହାନଗର ନିଗମାଂଚଳର ପ୍ଲାନ୍ ଅନୁମୋଦନ ହେଉଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି । ତେଣୁ ଯେଉଁ ଦିନ ଠାରୁ ରାଜ୍ୟ ସରକାର ପ୍ଲାନ୍ ଅନୁମୋଦନ କ୍ଷମତା ଭୁବନେଶ୍ୱର ମହାନଗର ନିଗମକୁ ପ୍ରଦାନ କରିଛନ୍ତି ସେହି ଦିନ ଠାରୁ BDA, Scrutiny fee ରଖି ଅନ୍ୟାନ୍ୟ ଅର୍ଥ ଭୁବନେଶ୍ୱର ମହାନଗର ନିଗମକୁ ଫେରସ୍ତ କରିବା ସହିତ ଯେଉଁମାନଙ୍କର ଆବେଦନ ପତ୍ର ଗୁଡ଼ିକ BDA ନିକଟରେ pending ରହିଅଛି, ସେଗୁଡ଼ିକୁ ଆପ୍ରୁଭାଲ୍ ନକରି ତୁରନ୍ତ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ଏବଂ ଏ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ Awareness କରିବା ନିମନ୍ତେ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୪) ତା ୧୪.୦୨.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପୁନଃବାର ଏ ବିଷୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ସହିତ ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୮.୦୪.୨୦୨୩ ରିଖ